ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

21st May, 2019

# ଦେଶର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକା

# ୯ମ ସ୍ଥାନରେ ଆଇଆଇଟି ଭୁବନେଶ୍ୱର

ଭୁବନେଶ୍ୱର,୨୦।୫(ଭୁ.ପ୍ର): ୨୦୧୯ ବର୍ଷ ପାଇଁ ଦେଶର ସର୍ବଶ୍ରେଷ୍ଠ ସରକାରୀ ଇଞ୍ଜିନିୟରିଂ କଲେଜ ତାଲିକାରେ ଆଇଆଇଟି ଭୁବନେଶ୍ୱରକୁ ୯ମ ସ୍ଥାନ ମିଳିଛି। ଇଣ୍ଡିଆ ଟୁଡେ ପତ୍ରିକା ଓ ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏସନ୍ (ଏମ୍‌ଡିଆରଏ) ପକ୍ଷରୁ ଅନୁଷ୍ଠିତ ଏହି ସର୍ବେକ୍ଷଣରେ ଆଇଆଇଟି, ଭୁବନେଶ୍ୱରକୁ ଏହି ସ୍ଥାନ ମିଳିଛି। ଗ୍ରହଣୀୟ ଗୁଣବତ୍ତା ଓ ପରିଚାଳନା, ଶ୍ରେଷ୍ଠତା ପ୍ରତିପାଦନ, ଭିତ୍ତିଭୂମି ଓ ଜୀବନଶୈଳୀ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ ଏବଂ କ୍ୟାରିୟର୍ ଅଗ୍ରଗତି ତଥା ନିଯୁକ୍ତି ସୁଯୋଗ ଆଦି ମାନକ ଆଧାରରେ ସର୍ବଭାରତୀୟ ସ୍ତରରେ ସର୍ବେକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହି ସଫଳତାକୁ ନେଇ ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର କହିଛନ୍ତି ଯେ ଆତ୍ମପ୍ରକାଶ ପରଠାରୁ ଏହି ଶିକ୍ଷାନୁଷ୍ଠାନ ସର୍ବଦା ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଛି। ଉତ୍ତମ ଶିକ୍ଷା ପଦ୍ଧତି ପାଇଁ ଭିତ୍ତିଭୂମି ନିର୍ମାଣକୁ ମଧ୍ୟ ଆଇଆଇଟି ପ୍ରାଧାନ୍ୟ ଦେଉଛି। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ଭୁବନେଶ୍ୱର ମର୍ଯ୍ୟାଦାଜନକ ସ୍ଥାନ ପାଇବା ନିଶ୍ଚିତ ଭାବେ ଗୌରବର ବିଷୟ। ଏହି ଧାରାକୁ ଅବ୍ୟାହତ ରଖି ବିଶ୍ୱସ୍ତରୀୟ ମାନ୍ୟତା ହାସଲ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଡ଼ଃ କୁମାର କହିଛନ୍ତି।